# **ଉପ-ଶ୍ରମ ଆୟୁକ୍ତ, ଓଡ଼ିଶା**
# **ଭୁବନେଶ୍ୱର**
# **ବନାମ**
# **ଅଭିମନ୍ୟୁ ଗୌଡ ଏବଂ ଅନ୍ୟଜଣେ**

**ନଭେମ୍ବର 4, 1997**

**[ଏସ୍. ବି. ମଜମୁଦାର ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]**

*ଶ୍ରମ ଆଇନ:*

*ଶ୍ରମଜୀବୀ କ୍ଷତିପୂରଣ ଅଧିନିୟମ, 1923: ଧାରା 20 (1)- ତା 2.7.1965 ରିଖର ବିଜ୍ଞପ୍ତି କ୍ଷମତା ପ୍ରଦାନ କରୁଛି- ଦାବି ଶୁଣିବାର ଅଧିକାରିତା - ଉପ ଶ୍ରମ ଆୟୁକ୍ତ ଓଡ଼ିଶା-ଦାବି ଆବେଦନ -କ୍ଷତିପୂରଣ ପ୍ରଦାନ-ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି, ଦାବି ଶୁଣିବାର କ୍ଷେତ୍ରାଧିକାର ନାହିଁ -ସମୀକ୍ଷା ଆବେଦନ ବାତିଲ ହୋଇଛି -ଆବେଦନ ଉପରେ, ନିର୍ଣ୍ଣୟ ହୋଇଛି, ଦାବି ଶୁଣିବାକୁ ଆବେଦନକାରୀଙ୍କ ଅଧିକାରିତା କ୍ଷେତ୍ର ରହିଛି-ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରାଯାଇଛି ।*

ଉତ୍ତରଦାତା ସଂଖ୍ୟା 2 ଙ୍କ ସ୍ୱାମୀ ଉତ୍ତରଦାତା 1ଙ୍କ ସହିତ କାମ କରୁଥିବାବେଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ମୃତ୍ୟୁ ବରଣ କରିଥିଲେ । ଉତ୍ତରଦାତା ସଂଖ୍ୟା 2 ଆବେଦନକାରୀ -ଉପ-ଶ୍ରମ ଆୟୁକ୍ତ -ତଥା- ଶ୍ରମଜୀବୀ କ୍ଷତିପୂରଣ ଆୟୁକ୍ତଙ୍କ ପାଖରେ ଏକ ଦାବି ଆବେଦନ ଦାଖଲ କରିଥିଲେ । ଆବେଦନକାରୀ କ୍ଷତିପୂରଣ ବାବଦକୁ 8000/ ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ । ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ ଆବେଦନକୁ ଅନୁମତି ଦେଇଥିଲେ ଏବଂ ନିର୍ଣ୍ଣୟ ନେଇଥିଲେ ଯେ ଆବେଦନକାରୀଙ୍କ ଦାବି ଆବେଦନକୁ ଶୁଣିବାର କୌଣସି ଅଧିକାରିତା ନାହିଁ । ଜୁଲାଇ 2, 1965 ରେ ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରମଜୀବୀ କ୍ଷତିପୂରଣ ଅଧିନିୟମ ଅଧୀନରେ ଦାବି ଶୁଣିବାର ଅଧିକାରିତା ପ୍ରଦାନପୂର୍ବକ ଏକ ବିଜ୍ଞପ୍ତି ଜାରିକରାଯାଇଥିଲା, ଯେଉଁଥିପାଇଁ ଅବେଦନକାରୀ ଏକ ସମୀକ୍ଷା ଆବେଦନ ଆଗତ କରିଥିଲେ । ଉକ୍ତ ସମୀକ୍ଷା ଆବେଦନକୁ ଖାରଜ କରାଯାଇଥିଲା । ତେଣୁ, ବର୍ତ୍ତମାନର ଆବେଦନ । ଏକ ପୂର୍ବ ଆଦେଶ ଦ୍ୱାରା ଏହି ନ୍ୟାୟାଳୟ ପୂର୍ବରୁ ଦାବିଦାରଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ କରିବାକୁ ଉତ୍ତରଦାତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ:

**1.1.** ଦୁର୍ଘଟଣା ଘଟିବା ସମୟରେ ଆବେଦନକାରୀ-ଉପ-ଶ୍ରମ ଆୟୁକ୍ତ ଦାବି ଆବେଦନକୁ ଶୁଣିବାର ଅଧିକାରିତା ଥିଲା ।

**1.2.** ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ସମୀକ୍ଷା ଆବେଦନ ଉପରେ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ବାତିଲ କରିବାକୁ ପଡିବ । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ସମୀକ୍ଷା ପ୍ରକ୍ରିୟାରେ ଏହା ଉପସ୍ଥାପିତ

**କରାଯାଇଥିଲା ଯେ ରାଜ୍ୟ ଦ୍ୱାରା ଏକ ଅଧିସୂଚନା ଜାରିକରାଯାଇ ରାଜ୍ୟର ଯେକୌଣସି ଭାଗରେ ଘଟିଥିବା ଦୁର୍ଘଟଣା ସମ୍ବନ୍ଧରେ ଶ୍ରମଜୀବୀ କ୍ଷତିପୂରଣ ଅଧିନିୟମ, 1923 ଅନୁଯାୟୀ ଦାବି ଗ୍ରହଣ କରିବା ପାଇଁ ଆବେଦନକାରୀଙ୍କୁ ଅଧିକାରିତା ପ୍ରଦାନ କରାଯାଇଛି । 1965 ମସିହା ଜୁଲାଇ 2 ତାରିଖର ଅଧିସୂଚନାର ସ୍ତମ୍ଭ (2) ରେ ଉପ ଆୟୁକ୍ତ, ଓଡ଼ିଶା, ଭୁବନେଶ୍ୱରଙ୍କୁ, ଏଠାରେ ଆବେଦନକାରୀ, ତାଲିକାଭୁକ୍ତ କରାଯାଇଥିଲା ଏବଂ ତାଙ୍କ ଅଧିକାରିତାର କ୍ଷେତ୍ର ସମଗ୍ର ଓଡ଼ିଶା ରାଜ୍ୟ ବୋଲି ଦର୍ଶାଯାଇଛି । ତେଣୁ, ଓଡ଼ିଶା ରାଜ୍ୟର ଯେକୌଣସି ଭାଗରେ ଘଟିଥିବା ଦୁର୍ଘଟଣା, ଯେଉଁଥି ପାଇଁ କର୍ମଚାରୀଙ୍କ ବିରୁଦ୍ଧରେ ଏହି ଅଧିନିୟମ ଅନୁଯାୟୀ ଦାବି ଦାଖଲ କରାଯିବାର ଥିଲା, ସେ ସମ୍ବନ୍ଧରେ ଶ୍ରମିକଙ୍କ କ୍ଷତିପୂରଣ ଦାବିକୁ ଗ୍ରହଣ କରିବା ଆବେଦନକାରୀଙ୍କ ଅଧିକାରିତା କ୍ଷେତ୍ର ଥିଲା । ଯେତେବେଳେ ଏପରି ଏକ ଅଧିସୂଚନାକୁ ତର୍ଜମା ପାଇଁ ଉପସ୍ଥାପନା କରାଯାଇଥିଲା, ଉଚ୍ଚ ନ୍ୟାୟାଳୟ ସମୀକ୍ଷା ଆବେଦନକୁ ଗ୍ରହଣ ନକରିବା ଯଥାର୍ଥ ନଥିଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5455/1984

ତା 17.8.81 ରିଖରେ ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ ସି. ଆର. ସଂଖ୍ୟା 2/1981 ରେ ପାରିତ ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀ ପାଇଁ ସୁଶ୍ରୀ ମୀନା ଚକ୍ରବର୍ତ୍ତୀ ଏବଂ ରାଜ କୁମାର ମେହେଟ୍ଟା ।

ନ୍ୟାୟାଳୟର ରାୟ

**ନ୍ୟାୟମୂର୍ତ୍ତି ଏସ୍. ବି. ମଜମୁଦାରଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ଅଗଷ୍ଟ 17, 1981ମସିହାରେ ଦେୱାନୀ ସମୀକ୍ଷା ସଂଖ୍ୟା 2/1981ରେ ପାରିତ କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ସ୍ୱତନ୍ତ୍ର ଅନୁମତିଦ୍ୱାରା ଏହି ଆବେଦନରେ ଆପତ୍ତି କରାଯାଇଛି ।

ଓଡ଼ିଶା ରାଜ୍ୟର ରାଉରକେଲାଠାରେ ନିଯୁକ୍ତି ସମୟରେ ଶ୍ରମିକମାନଙ୍କ ପ୍ରତି ଘଟିଥିବା ଦୁର୍ଘଟଣା ଏବଂ ନିଯୁକ୍ତି କାରଣରୁ ସୃଷ୍ଟି ହୋଇଥିବା ଶ୍ରମିକଙ୍କ କ୍ଷତିପୂରଣ ଦାବିକୁ ଗ୍ରହଣ କରିବା ଓଡ଼ିଶାର ଉପ ଶ୍ରମ ଆୟୁକ୍ତଙ୍କ ଅଧିକାରିତା କ୍ଷେତ୍ରର ଏକ ପ୍ରଶ୍ନ ଜଡ଼ିତ । ଉଚ୍ଚ ନ୍ୟାୟାଳୟ ଆକ୍ଷେପିତ ରାୟରେ ଏହାର ପୂର୍ବ ନିର୍ଣ୍ଣୟକୁ ସମୀକ୍ଷା କରିବାକୁ ଏହି ପରିପ୍ରେକ୍ଷିରେ ମନା କରିଦେଇଛନ୍ତି ଯେ, ଏହି ଦାବିକୁ କେବଳ ରାଉରକେଲା ଶ୍ରମ ଆୟୁକ୍ତ ଗ୍ରହଣ କରିପାରିଥାନ୍ତେ, ଏବଂ ଓଡ଼ିଶାର ଉପ-ଶ୍ରମ ଆୟୁକ୍ତ ନୁହେଁ ।

ଏହି କାର୍ଯ୍ୟାନୁଷ୍ଠାନକୁ ଆଗେଇ ନେଉଥିବା କେତେକ ପ୍ରାସଙ୍ଗିକ ତଥ୍ୟ ପ୍ରାରମ୍ଭରେ ଉଲ୍ଲେଖ କରାଯାଇପାରେ । ଜଣେ ଶ୍ରୀମତୀ ଦୁଖି ଜେନା ଯିଏ ଏଠାରେ ଉତ୍ତରଦାତା ସଂଖ୍ୟା 2 ଅଟନ୍ତି, ଯାହାଙ୍କୁ ଔପଚାରିକ ଉତ୍ତରଦାତା ଭାବେ ଦର୍ଶାଯାଇଛି, ଉପ-ଶ୍ରମ ଆୟୁକ୍ତ ତଥା ଶ୍ରମଜୀବୀ କ୍ଷତିପୂରଣ ଆୟୁକ୍ତ ଓଡ଼ିଶା, ଭୁବନେଶ୍ୱରଙ୍କ ପାଖରେ ଏକ ଦାବି ଆବେଦନ ଦାଖଲ କରି ଉତ୍ତରଦାତା ସଂଖ୍ୟା 1 ଅଭିମନ୍ୟୁ ଗୌଡ଼ଙ୍କଠାରୁ କ୍ଷତିପୂରଣ ଦାବି କରିଛନ୍ତି ଯେହେତୁ ତାଙ୍କ ମୃତ ସ୍ୱାମୀ ଅଭିମନ୍ୟୁ ଗୌଡ଼ଙ୍କର ଏକ ଟ୍ରକରେ ଖଲାସୀ ଥିଲେ । 1974 ମସିହା ମେ ମାସ 9 ତାରିଖରେ ଓଡ଼ିଶା

ରାଜ୍ୟର ରାଉରକେଲା ସହର ନିକଟରେ ସେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଆବେଦନକାରୀ ହେଉଛନ୍ତି ସେହି ଅଧିକାରୀ ଯାହାଙ୍କ ସମ୍ମୁଖରେ ଏଭଳି ଦାବି ଉଠାଯାଇଥିଲା । ପକ୍ଷମାନଙ୍କୁ ଶୁଣିବା ପରେ ଆବେଦନକାରୀ ଶ୍ରମଜୀବୀ କ୍ଷତିପୂରଣ ଆୟୁକ୍ତ ଭାବରେ ନିଜର ଅଧିକାରିତା କ୍ଷେତ୍ର ପ୍ରୟୋଗ କରିଥିଲେ ଏବଂ ଉତ୍ତରଦାତା ସଂଖ୍ୟା 2 କୁ ଉତ୍ତରଦାତା ସଂଖ୍ୟା 1, ଦ୍ୱାରା 8000/ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଆଦେଶ ଦେଇଥିଲେ । ଆବେଦନକାରୀ ଉପ-ଶ୍ରମ ଆୟୁକ୍ତ ତଥା ଶ୍ରମଜୀବୀ କ୍ଷତିପୂରଣ ଆୟୁକ୍ତ, ଭୁବନେଶ୍ୱର, ଓଡ଼ିଶାଙ୍କ ଏହି ଆଦେଶ ଦ୍ୱାରା ଅସନ୍ତୁଷ୍ଟ ହୋଇ, ଉତ୍ତରଦାତା ସଂଖ୍ୟା 1 ଯିଏ ଟ୍ରକ ମାଲିକ ଅଟନ୍ତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ବିବିଧ ଆବେଦନ ସଂଖ୍ୟା 289/1977 ନାମରେ ଏକ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ 1980 ମସିହା ନଭେମ୍ବର 12 ତାରିଖର ରାୟରେ ଉତ୍ତରଦାତା ସଂଖ୍ୟା 1 ଙ୍କ ଆବେଦନକୁ ଅନୁମତି ଦେଇ କହିଥିଲେ ଯେ ଉତ୍ତରଦାତା ସଂଖ୍ୟା 2 ଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦାବି ଆବେଦନକୁ, ଆବେଦନକାରୀ ଓଡ଼ିଶାର ଭୁବନେଶ୍ୱରସ୍ଥିତ ଉପ-ଶ୍ରମ ଆୟୁକ୍ତଙ୍କର ଗ୍ରହଣ କରିବାପାଇଁ କୌଣସି ଅଧିକାରିତା ନଥିଲା । ଏହା ଟିପ୍ପଣୀ କରିବା ପ୍ରାସଙ୍ଗିକ ଯେ ଆବେଦନକାରୀଙ୍କୁ ସେହି ଆବେଦନରେ ପକ୍ଷଭୁକ୍ତ କରାଯାଇ ନଥିଲା କିମ୍ବା ଦାବି ଆବେଦନକୁ ଗ୍ରହଣ କରିବା ପାଇଁ ଆବେଦନକାରୀଙ୍କୁ ତାଙ୍କ ଅଧିକାରିତା କ୍ଷେତ୍ର ସମ୍ବନ୍ଧରେ ନିଜର ମତ ରଖିବା ପାଇଁ କୌଣସି ସୁଯୋଗ ଦିଆଯାଇ ନଥିଲା । ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଯେହେତୁ ଏହି ଦୁର୍ଘଟଣା ଆବେଦନକାରୀଙ୍କ ଅଧିକାରିତା କ୍ଷେତ୍ର ବାହାରେ ଘଟିଛି, କେବଳ ରାଉରକେଲା ସ୍ଥିତ ଶ୍ରମଜୀବୀ କ୍ଷତିପୂରଣ ଆୟୁକ୍ତ ଦାବି ଆବେଦନକୁ ଗ୍ରହଣ କରିପାରିବେ, ଏବଂ ଆବେଦନକାରୀ ନୁହେଁ ।

ଆବେଦନକାରୀ ଉଚ୍ଚ ନ୍ୟାୟାଳୟର ଉପରୋକ୍ତ ନିର୍ଣ୍ଣୟ ବିଷୟରେ ଜାଣିବା ପରେ ଏକ ସମୀକ୍ଷା ଆବେଦନ ଜରିଆରେ ଉଚ୍ଚ ନ୍ୟାୟାଳୟକୁ ଯାଇଥିଲେ, ଯାହା ଅଗଷ୍ଟ 17, 1981 ମସିହାରେ ଆକ୍ଷେପିତ ଆଦେଶ ଦ୍ୱାରା ଫଇସଲା କରାଯାଇଥିଲା, ଯେଉଁଥିରେ କୁହାଯାଇଛି ଯେ ଏହି ଆବେଦନ ଗ୍ରହଣଯୋଗ୍ୟ ନଥିଲା ଏବଂ ପ୍ରତିପକ୍ଷ (ଓ. ପି.) ଦର୍ଶାଇଛନ୍ତି ଯେ ସେ ରାୟର ସମୀକ୍ଷା ପାଇଁ ଏକ ପୃଥକ ଆବେଦନ ଦାଖଲ କରିବେ କାରଣ ପ୍ରାସଙ୍ଗିକ ଅଧିସୂଚନା ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଗୋଚରକୁ ଅଣାଯାଇ ନାହିଁ ଏବଂ ତାଙ୍କୁ ଏପରି ଆବେଦନ ଦାଖଲ କରିବାକୁ ଅନୁମତି ଦିଆଯାଇଥିଲା ।

ଏହି ପର୍ଯ୍ୟାୟରେ ଆମେ କହିପାରିବା ଯେ 1980 ମସିହା ନଭେମ୍ବର 12 ତାରିଖର ଉଚ୍ଚ ନ୍ୟାୟାଳୟଙ୍କ ମୂଳ ଆଦେଶ ବିରୁଦ୍ଧରେ, ଉତ୍ତରଦାତା ସଂଖ୍ୟା 2 ଯିଏ କି ମୂଳ ଦାବିଦାର, ଏହି ନ୍ୟାୟାଳୟରେ ସି. ଏ. ସଂଖ୍ୟା 10106/1983 ନାମରେ ଏକ ଦେୱାନୀ ଆବେଦନ ଆଗତ କରିଥିଲେ । ଏହି ନ୍ୟାୟାଳୟ 1983 ମସିହା ଅକ୍ଟୋବର 28 ତାରିଖର ଆଦେଶ ଦ୍ୱାରା ଉତ୍ତରଦାତା ସଂଖ୍ୟା 2 କୁ 8000/ଟଙ୍କାର ରାଶି ପ୍ରଦାନ କରି ବୀମା କମ୍ପାନୀ ବିରୁଦ୍ଧରେ ହୋଇଥିବା ତାଙ୍କ ଦାବିର ସମ୍ପୂର୍ଣ୍ଣ ଏବଂ ଅନ୍ତିମ ସମାଧାନ କରିବାପାଇଁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ, ଏହି ନ୍ୟାୟାଳୟ ଉତ୍ତରଦାତା ସଂଖ୍ୟା 1 ଙ୍କୁ ସମାନ ପରିମାଣର ଅର୍ଥରାଶି 8000/ଟଙ୍କା ଉତ୍ତରଦାତା ସଂଖ୍ୟା 2 ଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ପୁନଃ, ଏହା ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା ଉପ ଶ୍ରମ ଆୟୁକ୍ତଙ୍କ ପାଖରେ ଜମା କରାଯାଇଥିବା ମୋଟ 14,000/ଟଙ୍କା ମଧ୍ୟରୁ

8000/ଟଙ୍କା ଉତ୍ତରଦାତା ସଂଖ୍ୟା 2 କୁ ଦିଆଯିବ । ଏହା ମଧ୍ୟ ବିବାଦରେ ନାହିଁ ଯେ ଏହି ନ୍ୟାୟାଳୟର ଆଦେଶ ଅନୁଯାୟୀ ବୀମା କମ୍ପାନୀ ଉତ୍ତରଦାତା ସଂଖ୍ୟା 2କୁ ମୋଟ 8000/ ଟଙ୍କା ପ୍ରଦାନ କରିଛି  କରିଛି ଏବଂ ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା ଜମା ହୋଇଥିବା ମୋଟ 14000/ଟଙ୍କାରୁ ଉତ୍ତରଦାତା ସଂଖ୍ୟା 2 ଙ୍କୁ 8000/ଟଙ୍କା ଦେବାର ଥିଲା ଏବଂ 6000/ଟଙ୍କାର ବଳକା ରାଶି ସହିତ ସୁଧ ପରିମାଣକୁ ମିଶାଇ ଉତ୍ତରଦାତା ସଂଖ୍ୟା 1 ଙ୍କୁ ଫେରସ୍ତ କରିବାର ଥିଲା । ଏହି ନ୍ୟାୟାଳୟଙ୍କ ସି.ଏ. ସଂଖ୍ୟା 10106/1983 ରେ ପାରିତ ଉପୋରୋକ୍ତ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି ଏହା କୁହାଯାଇପାରିବ ଯେ ଆବେଦନକାରୀ-ଆୟୁକ୍ତଙ୍କ ଅଧିକାରିତାର ପ୍ରଶ୍ନ ଗମ୍ଭୀର ବିଚାର ପାଇଁ ତିଷ୍ଠିବ ନାହିଁ କାରଣ ଦାବିଦାର ଉତ୍ତରଦାତା ସଂଖ୍ୟା 2 କୁ ଉତ୍ତରଦତା ସଂଖ୍ୟା 1 ଙ୍କ ବିରୋଧରେ ତାଙ୍କ ଦ୍ୱାରା ଦାବି କରାଯାଇଥିବା କ୍ଷତିପୂରଣର ସମ୍ପୂର୍ଣ୍ଣ ପରିମାଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତଥାପି ଯେହେତୁ ଆବେଦନକାରୀ ଅଧିକରିତାର ପ୍ରଶ୍ନ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଣ୍ଣୟରେ ବ୍ୟଥିତ ହୋଇଛନ୍ତି ଯାହା ଏହି  ଅଧିନିୟମ ଅଧୀନରେ ବହୁ ସଂଖ୍ୟକ ଦାବି ଆବେଦନକୁ ପ୍ରଭାବିତ କରୁଛି, ଆମେ ବର୍ତ୍ତମାନ ଉତ୍ତରଦାତା ସଂଖ୍ୟା 2ଙ୍କ ମୂଳ ଦାବି ଆବେଦନକୁ ଗ୍ରହଣ କରିବା ପାଇଁ ଆବେଦନକାରୀଙ୍କ ଅଧିକାରିତା କ୍ଷେତ୍ର ବିଷୟରେ ଉପୁଜି ଥିବା ବିବାଦର ଯାଞ୍ଚ କରିବାକୁ ଅଗ୍ରସର ହେଉଛୁ । ଯେପର୍ଯ୍ୟନ୍ତ ଏହି ପ୍ରଶ୍ନ ସମ୍ପୃକ୍ତ, ଆମେ ଟିପ୍ପଣୀ ଦେବା ଉଚିତ ଯେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ସମୀକ୍ଷା ପ୍ରକ୍ରିୟାରେ ଏହା ଦାଖଲ କରାଯାଇଥିଲା ଯେ ଓଡ଼ିଶା ରାଜ୍ୟ ଦ୍ୱାରା ପୂର୍ବରୁ ଅଧିସୂଚନା ଜାରି କରାଯାଇଥିଲା ଯାହା ଶ୍ରମଜୀବୀ କ୍ଷତିପୂରଣ ଅଧିନିୟମ 1923 ଅନୁଯାୟୀ ଓଡ଼ିଶା ରାଜ୍ୟର ଯେକୌଣସି ଭାଗରେ ଘଟିଥିବା ଦୁର୍ଘଟଣା ସମ୍ବନ୍ଧରେ ହେଉଥିବା ଏହିପରି ଦାବିକୁ ଗ୍ରହଣ କରିବାକୁ ଆବେଦନକାରୀଙ୍କୁ ଅଧିକାରିତା ପ୍ରଦାନ କରିଥିଲା । ଯେତେବେଳେ ଏପରି ଏକ ଅଧିସୂଚନା ତର୍ଜମା ପାଇଁ ଉପସ୍ଥାପନ କରାଯାଇଥିଲା, ଆମେ ପ୍ରଶଂସା କରିବାରେ ବିଫଳ ହେଲୁ ଯେ କିଭଳି ଉଚ୍ଚ ନ୍ୟାୟାଳୟ ସମୀକ୍ଷା ଆବେଦନକୁ ଗ୍ରହଣ ନକରି ନ୍ୟାୟସଙ୍ଗତ ହୋଇଥିଲେ ଯେତେବେଳେ ପୂର୍ବରୁ ପ୍ରାସଙ୍ଗିକ ଅଧିସୂଚନା ଏହାର ଦୃଷ୍ଟିକୁ ଅଣାଯାଇ ନଥିଲା, ବିଶେଷ କରି ଯେତେବେଳେ ଆବେଦନକାରୀଙ୍କୁ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଅଧିସୂଚନା ବିଷୟରେ ଦର୍ଶାଇବାକୁ ସୁଯୋଗ ଦିଆଯାଇ ନଥିଲା, ଯେହେତୁ ସେ ଏକ ପକ୍ଷ ନଥିଲେ କିମ୍ବା ସେହି ମାମଲାରେ ତାଙ୍କୁ କୌଣସି ନୋଟିସ୍ ଜାରି କରାଯାଇ ନଥିଲା । ତେଣୁ, ଏହା ଅବଲୋକନ କରାଯିବା ଉଚିତ ଯେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଅଗଷ୍ଟ 17,1981 ମସିହାରେ ସମୀକ୍ଷା ଆବେଦନ ଉପରେ ପାରିତ ହୋଇଥିବା ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ଏବଂ ଏହାକୁ ବାତିଲ କରିବାକୁ ପଡିବ ।

ବିତର୍କୀୟ ପ୍ରଶ୍ନ ହେଉଛି ଯେ, ଉତ୍ତରଦାତା ସଂଖ୍ୟା 1 ଅଧୀନରେ ଉତ୍ତରଦାତା ସଂଖ୍ୟା 2 ର ସ୍ୱାମୀଙ୍କ ନିଯୁକ୍ତି ହୋଇଥିବା ସମୟରେ ତାଙ୍କ ମୃତ ସ୍ୱାମୀଙ୍କ ପ୍ରତି ଘଟିଥିବା ସାଂଘାତିକ ଦୁର୍ଘଟଣା ସଂପର୍କରେ ଉତ୍ତରଦାତା ସଂଖ୍ୟା1 ବିରୋଧରେ ଉତ୍ତରଦାତା ସଂଖ୍ୟା -2 ର ଦାବିକୁ ଆୟୁକ୍ତଙ୍କ ଅଧିକାର କ୍ଷେତ୍ର ଆଧାରରେ ପ୍ରତ୍ୟାଖ୍ୟାନ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ଥିଲେ କି । ଏହା ସତ୍ୟ ଯେ ଏହି ଦୁର୍ଘଟଣା ରାଉରକେଲା ନିକଟରେ ଘଟିଥିଲା । ଶ୍ରମ, ନିଯୁକ୍ତି ଏବଂ ଆବାସ ବିଭାଗରେ ଓଡ଼ିଶା ରାଜ୍ୟ ଦ୍ୱାରା ଜୁଲାଇ 2,1965 ମସିହାରେ ଜାରି ହୋଇଥିବା ଅଧିସୂଚନା ପ୍ରତି ଆମର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଶ୍ରମିକ କ୍ଷତିପୂରଣ ଅଧିନିୟମ 1923 ର ଧାରା 20 ର ଉପଧାରା (1) ଦ୍ୱାରା

ରାଜ୍ୟକୁ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଉକ୍ତ ଅଧିସୂଚନା ଜାରି କରାଯାଇଥିଲା । ସ୍ତମ୍ଭ (1) ରେ ତାଲିକାଭୁକ୍ତ ଅଧିକାରୀମାନଙ୍କୁ ପ୍ରତ୍ୟେକ ତାଲିକାଭୁକ୍ତ ଅଧିକାରୀଙ୍କ ବିରୋଧରେ ଉକ୍ତ ଅଧିସୂଚନାର ସ୍ତମ୍ଭ (2) ରେ ନିର୍ଦ୍ଦିଷ୍ଟ ହୋଇଥିବା ସମ୍ପୃକ୍ତ ଅଧିକାରିତା କ୍ଷେତ୍ର ସହିତ ଶ୍ରମଜୀବୀ କ୍ଷତିପୂରଣ ପାଇଁ ଆୟୁକ୍ତ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉକ୍ତ ଅଧିସୂଚନାର ସ୍ତମ୍ଭ (2) ରେ ଏଠାରେ ଆବେଦନକାରୀ, ଉପ-ଆୟୁକ୍ତ ଓଡ଼ିଶା, ଭୁବନେଶ୍ୱରଙ୍କୁ ତାଲିକାଭୁକ୍ତ କରାଯାଇଥିଲା ଏବଂ ତାଙ୍କ ଅଧିକାରିତାର କ୍ଷେତ୍ର ସମଗ୍ର ଓଡ଼ିଶା ରାଜ୍ୟ ବୋଲି ଦର୍ଶାଯାଇଛି । ତେଣୁ, ଓଡ଼ିଶା ରାଜ୍ୟର ଯେକୌଣସି ଭାଗରେ ଘଟିଥିବା ଦୁର୍ଘଟଣା, ଯେଉଁଥିପାଇଁ ନିଯୁକ୍ତିଦାତାଙ୍କ ବିରୋଧରେ ଏହି ଅଧିନିୟମ ଅନୁଯାୟୀ ଦାବି ଦାଖଲ କରାଯିବାର ଥିଲା, ସେହି କ୍ଷେତ୍ରରେ ଶ୍ରମିକଙ୍କ କ୍ଷତିପୂରଣ ଦାବିକୁ ଗ୍ରହଣ କରିବାରେ ଆବେଦନକାରୀଙ୍କ ଅଧିକାରିତା କ୍ଷେତ୍ର ଥିଲା । ଯଦି ଏହି ଅଧିସୂଚନା ଉଚ୍ଚ ନ୍ୟାୟାଳୟ ଦେଖିଥାନ୍ତେ, ତେବେ ଆବେଦନକାରୀଙ୍କ ଦାବି ଆବେଦନକୁ ଗ୍ରହଣ କରିବାର କୌଣସି ଅଧିକାରିତା କ୍ଷେତ୍ର ନାହିଁ ବୋଲି ଏହା କଦାପି ସ୍ଥିର କରି ନଥାନ୍ତେ । ଏହା ବିବାଦରେ ନାହିଁ ଯେ ଯଦିଓ ଦୁର୍ଘଟଣା 1974 ମସିହାରେ ଘଟିଥିଲା, ଜୁଲାଇ 2, 1965 ର ଉପରୋକ୍ତ ଅଧିସୂଚନା ଏହି କ୍ଷେତ୍ରକୁ ଧରିଥିଲା । ତେଣୁ, ଏହି ଉପସଂହାରରୁ ରକ୍ଷା ପାଇବା ସମ୍ଭବ ନୁହେଁ ଯେ 1974 ମସିହାରେ, ଯେତେବେଳେ ଦୁର୍ଘଟଣା ଘଟିଥିଲା, ସେହି ପ୍ରାସଙ୍ଗିକ ସମୟରେ ଆବେଦନକାରୀଙ୍କ ଦାବି ଆବେଦନକୁ ଗ୍ରହଣ କରିବାର ଅଧିକାରିତା କ୍ଷେତ୍ର ଥିଲା । ତେଣୁ, ବିପରୀତ ଦୃଷ୍ଟିକୋଣକୁ ଆଖିଆଗରେ ରଖି ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ନାକଚ ଏବଂ ରଦ୍ଦ କରାଗଲା । ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଏସ.ଭି.କେ.ଆଇ. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଅନୁବାଦକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ